# NATIONAL NEWS BULLETIN (ODIA)
## 4 December - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଁଞ୍ଚିଲେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍

– ବିମାନ ବନ୍ଦରରେ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

– ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା

- ଭାରତ ଓ ରୁଷ୍ ମଧ୍ୟରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଛି; କହିଲେ ପ୍ରତିରକ୍ଷା ମନ୍ତ୍ରୀ

- ସଂସଦର ଅନୁମୋଦନ ଲାଭ କଲା କେନ୍ଦ୍ରୀୟ ଅବକାରୀ ସଂଶୋଧନ ବିଲ୍-୨୦୨୫

- ପାନମସଲା ଉପରେ ସେସ୍ ବୃଦ୍ଧି ସଂକ୍ରାନ୍ତ 'ସ୍ୱାସ୍ଥ୍ୟ ସୁରକ୍ଷା ସେ ଜାତୀୟ ସୁରକ୍ଷା' ସେସ୍ ବିଲ୍-୨୦୨୫ ଲୋକସଭାରେ ଆଗତ

ଏବଂ

- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଦ୍ୱିତୀୟ ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ୯୯ ପ୍ରତିଶତରୁ ଅଧିକ ଭୋଟରଙ୍କୁ ବଣ୍ଟାଯାଇଛି ଗଣନା ଫର୍ମ

# ରୁଷ୍ ରାଷ୍ଟ୍ରପତି ଭାରତ ଗସ୍ତ

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଦୁଇଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀଠାରେ ପହଁଞ୍ଚିଛନ୍ତି। ବିମାନବନ୍ଦରଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ଗସ୍ତ ଅବସରରେ ଶ୍ରୀ ପୁଟିନ୍ ୨୩ତମ ଭାରତ–ରୁଷିଆ ବାର୍ଷିକ ସମ୍ମିଳନୀ ବୈଠକରେ ଯୋଗଦେବା ସହ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିବେ। ବିଭିନ୍ନ ଆଞ୍ଚଳିକ ଏବଂ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହେବାର ସମ୍ଭାବନା ରହିଛି। ଏହି ଅବସରରେ କେତେକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇପାରେ। ବାଣିଜ୍ୟ, ଆର୍ଥିକ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସଂସ୍କୃତି ଆଦି କ୍ଷେତ୍ର ଏଥିରେ ଅନ୍ତର୍ଭୁକ୍ତ।

# ଇଣ୍ଡିଆ–ରୁଷିଆ ଡିଫେନ୍ସ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ ଭାରତ ଏବଂ ରୁଷ୍ ମଧ୍ୟରେ ସମ୍ପର୍କ ଅଧିକ ସୁଦୃଢ଼ ହେଉଛି। ନୂଆଦିଲ୍ଲୀରେ ରୁଷ୍ ପ୍ରତିପକ୍ଷ ଆଣ୍ଡ୍ରେ ବେଲୌସୋଭଙ୍କ ସହିତ ୨୨ତମ ଭାରତ-ରୁଷ୍ ଆନ୍ତଃ ସରକାରୀ ସାମରିକ ଓ ବୈଷୟିକ ସହଯୋଗ କମିଶନର ମନ୍ତ୍ରିସ୍ତରୀୟ ବୈଠକରେ ସହ-ଅଧ୍ୟକ୍ଷତା କରି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ

ଏହା କହିଛନ୍ତି। ୨୦୦୦ ମସିହାରେ ଭାରତ–ରୁଷ୍ ରଣନୈତିକ ସହଭାଗିତା ଘୋଷଣାପତ୍ର ସ୍ୱାକ୍ଷର ହେବା ପରଠାରୁ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଛି ବୋଲି ଶ୍ରୀ ସିଂହ କହିଛନ୍ତି।

**V/O**

ଚୀନ୍‌ରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ଅବସରରେ ଗତ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ବ୍ୟାପକ ଆଲୋଚନା ହୋଇଥିବା ଶ୍ରୀ ସିଂହ କହିଛନ୍ତି। ଗତ ମାସରେ ମସ୍କୋଠାରେ ଆୟୋଜିତ ଭାରତ–ରୁଷ୍ ବାଣିଜ୍ୟ ଓ ଅର୍ଥନୈତିକ ସହଯୋଗୀ କାର୍ଯ୍ୟ ଗୋଷ୍ଠୀର ୨୬ତମ ବୈଠକର ସଫଳ ଆୟୋଜନକୁ ଶ୍ରୀ ସିଂହ ସ୍ୱାଗତ କରିଛନ୍ତି। ରୁଷ୍ ନେତୃତ୍ୱାଧୀନ ୟୁରେସିଆନ୍ ଆର୍ଥିକ ସଂଘ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ପଦକ୍ଷେପକୁ ଭାରତ ସ୍ୱାଗତ କରୁଛି ବୋଲି ଶ୍ରୀ ସିଂହ କହିଛନ୍ତି।

ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ଆଣ୍ଡ୍ରେ ବେଲୌସୋଭ୍ କହିଛନ୍ତି, ଭାରତ ଓ ରୁଷ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ପାରସ୍ପରିକ ସମ୍ମାନ ଉପରେ ଆଧାରିତ।

ପ୍ରତିରକ୍ଷା ସେନାମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ, ଭାରତୀୟ ପଦାତିକ ବାହିନୀ ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା

ମୁଖ୍ୟ ଏୟାର ମାର୍ଶାଲ ଅମନପ୍ରୀତ ସିଂହ ଏବଂ ନୌସେନା ମୁଖ୍ୟ ଭାଇସ୍ ଆଡମିରାଲ୍ ଦିନେଶ ତ୍ରିପାଠୀ ଏହି ବୈଠକରେ ଯୋଗ ଦେଇଥିଲେ ।

## ଆର୍‌ଏସ୍- ସେଣ୍ଟ୍ରାଲ ଏକସାଇଜ୍

କେନ୍ଦ୍ରୀୟ ଅବକାରୀ ସଂଶୋଧନ ବିଲ୍-୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ରାଜ୍ୟସଭାରେ ଆଜି ଏହି ବିଲ୍ ପାରିତ ହୋଇଥିବା ବେଳେ ଗତକାଲି ଲୋକସଭାରେ ପାରିତ ହୋଇଥିଲା । କେନ୍ଦ୍ରୀୟ ଅବକାରୀ ଶୁଳ୍କ ଆଇନ ୧୯୪୪କୁ ସଂଶୋଧନ କରାଯାଇ ଏହି ବିଲ୍‌ରେ ତମାଖୁ ଜାତୀୟ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ ଏବଂ ସେସ୍ ବୃଦ୍ଧି କରାଯାଇଛି । ରାଜ୍ୟସଭାରେ ଆଜି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ବିଲ୍‌କୁ ଆଗତ କରିଥିଲେ । ବିଲ୍‌ରେ ରହିଥିବା ପ୍ରସ୍ତାବ ଅନୁଯାୟୀ, ଏଣିକି ପ୍ରତି ୧ ହଜାର ସିଗାରେଟ୍ ପାଇଁ ଶୁଳ୍କ ୨ ହଜାର ୭୦୦ ଟଙ୍କାରୁ ୧୧ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ । ପ୍ରସ୍ତୁତ ତମାଖୁ ଉତ୍ପାଦ ଉପରେ ମଧ୍ୟ ଶୁଳ୍କ ବୃଦ୍ଧିର ପ୍ରସ୍ତାବ ରହିଛି । ରାଜ୍ୟସଭାରେ ଆଲୋଚନାରେ ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସିଗାରେଟ୍ ଉପରେ ଲାଗୁ ହେବାକୁ ଥିବା ଅଧିକ ଶୁଳ୍କ ରାଜ୍ୟଗୁଡ଼ିକ ସହିତ ବଣ୍ଟନ କରାଯିବ । ଏହା ସେସ୍ ନୁହେଁ ବରଂ ଉତ୍ପାଦ ଶୁଳ୍କ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ତେବେ ତମାଖୁ ଚାଷୀ ଏବଂ ବିଡ଼ି ଶ୍ରମିକଙ୍କୁ କୌଣସି କ୍ଷତି ପହଁଞ୍ଚାଇବ ନାହିଁ ବୋଲି

ସେ କହିଛନ୍ତି । ଦେଶରେ ୪୯ ଲକ୍ଷ ୮୨ ହଜାର ପଞ୍ଜୀକୃତ ବିଡ଼ି ଶ୍ରମିକ ଅଛନ୍ତି ଏବଂ ଶ୍ରମିକଙ୍କ କଲ୍ୟାଣ ସଂଗଠନ ମାଧ୍ୟମରେ ସେମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଛନ୍ତି ।

ଏହି ଆଲୋଚନାରେ କଂଗ୍ରେସର ପ୍ରମୋଦ ତିୱାରୀ, ଆପ୍ ସଦସ୍ୟ ସନ୍ଦୀପ କୁମାର ପାଠକ, ଏ.ଆଇ.ଏ.ଡି.ଏମ୍.କେ'ର ଏମ୍.ଥାମ୍ବିଦୁରାଇ, ତୃଣମୂଳ କଂଗ୍ରେସର ସାଗରିକା ଘୋଷ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ସାଉଦି ଭାରତ

ସାଉଦି-ଭାରତ ସଂସଦୀୟ ବନ୍ଧୁତ୍ୱ କମିଟିର ଅଧ୍ୟକ୍ଷ ମେଜର ଜେନେରାଲ ଡକ୍ଟର ଅବଦୁଲ ରହମାନ ବିନ୍ ସନହଟ୍ ଅଲ୍ ହାର୍ବିଙ୍କ ସହିତ ଆସିଥିବା ପ୍ରତିନିଧି ମଣ୍ଡଳୀକୁ ସଂସଦ ଭବନରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସ୍ୱାଗତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବିର୍ଲା କହିଛନ୍ତି, ଉଭୟ ଦେଶ ମଧ୍ୟରେ ବହୁ ପୁରାତନ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଆର୍ଥିକ ସୁଦୃଢ଼ ସମ୍ପର୍କ ରହିଛି । ପ୍ରତିରକ୍ଷା, ଶକ୍ତି, ଦକ୍ଷତା ବିକାଶ ଏବଂ ସହଯୋଗର ନୂତନ କ୍ଷେତ୍ରଗୁଡ଼ିକ ଉପରେ ଉଭୟ ପକ୍ଷଙ୍କ ମଧ୍ୟରେ ମତବିନିମୟ ହୋଇଥିବା ଶ୍ରୀ ବିର୍ଲା ସୂଚନା ଦେଇଛନ୍ତି ।

# ଏଲଏସ୍– ସ୍ୱାସ୍ଥ୍ୟ ସୁରକ୍ଷା ସେସ୍

‘ସ୍ୱାସ୍ଥ୍ୟ ସୁରକ୍ଷା ସେ ଜାତୀୟ ସୁରକ୍ଷା’ ସେସ୍ ବିଲ୍-୨୦୨୫ ଆଜି ଲୋକସଭାରେ ଆଗତ ହୋଇଛି। ପାନମସଲା ଉତ୍ପାଦ ଉପରେ ସେସ୍ ଲାଗୁ କରାଯାଇ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ପାଇଁ ପାଣ୍ଠି ବୃଦ୍ଧି କରିବା ପ୍ରସ୍ତାବ ଏହି ବିଲ୍‌ରେ ରହିଛି। ଲୋକସଭାରେ ବିଲ୍ ଆଗତ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଜାତୀୟ ସୁରକ୍ଷା ପାଇଁ ସମ୍ବଳ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ବିଲ୍ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟ ବିପଦ ସହିତ ଜଡ଼ିତ ଥିବା ପାନମସଲା ସାମଗ୍ରୀ ଉପରେ ସେସ୍ ଲାଗୁ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସାଧାରଣ ନାଗରିକଙ୍କ ଉପରେ ଏହା କୌଣସି ପ୍ରଭାବ ପକାଇବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ପାନମସଲା ସାମଗ୍ରୀର ବ୍ୟବହାରକୁ ହ୍ରାସ କରିବା ଲକ୍ଷ୍ୟ ନେଇ ସରକାର ଏହି ସେସ୍ ଲାଗୁ କରିବା ପ୍ରସ୍ତାବ ଦେଇଛନ୍ତି ବୋଲି ଅର୍ଥମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି। ଏଭଳି ସାମଗ୍ରୀ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ସହିତ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ଲାଗୁ କରାଯିବ।

## ଗୋଏଲ- ଇଣ୍ଡିଆ ରୁଷିଆ ଫୋରମ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି, ଭାରତ ଓ ରୁଷ୍ ସମ୍ପର୍କ ସ୍ୱତନ୍ତ୍ର ଏବଂ ସୁବିଧାପ୍ରାପ୍ତ ରଣନୈତିକ ସହଭାଗିତା କ୍ଷେତ୍ରରେ ସ୍ଥିର ଏବଂ ପରୀକ୍ଷିତ। ନୂଆଦିଲ୍ଲୀରେ ଭାରତ–ରୁଷ୍ ବ୍ୟବସାୟ ଫୋରମ୍‌କୁ ସମ୍ବୋଧନ କରି ଶ୍ରୀ ଗୋଏଲ୍ କହିଛନ୍ତି, ଗତ ଦଶନ୍ଧି ଧରି ଏହି ସମ୍ପର୍କ ଏକତାର ପ୍ରମାଣ ସ୍ୱରୂପ ପ୍ରତିପାଦିତ ହୋଇଛି। ଭାରତ ବିଶ୍ୱରେ ଏକ

ନିର୍ଭରଯୋଗ୍ୟ, ବିଶ୍ୱସନୀୟ ଓ ଭବିଷ୍ୟତବାଦୀ ଅଂଶୀଦାର ଏବଂ ବାଣିଜ୍ୟ ବିସ୍ତାର ପାଇଁ କାର୍ଯ୍ୟ କରୁଛି ବୋଲି ଶ୍ରୀ ଗୋଏଲ୍ କହିଛନ୍ତି। ସାମ୍ପ୍ରତିକ, ବୈଶ୍ୱିକ, ଆର୍ଥିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ସମସ୍ତ ପ୍ରକାର ଆହ୍ୱାନକୁ ପ୍ରତିହତ କରି ବିଶ୍ୱର ଶ୍ରେଷ୍ଠ ୫ଟି ଅର୍ଥନୈତିକ ରାଷ୍ଟ୍ର ମଧ୍ୟରେ ସ୍ଥାନିତ ହୋଇପାରିଛି ବୋଲି ଶ୍ରୀ ଗୋଏଲ କହିଛନ୍ତି। ନୂତନ ଶ୍ରମ ସଂହିତା ଉପରେ ଆଲୋକପାତ କରି ସେ କହିଛନ୍ତି, ଶ୍ରମିକଙ୍କୁ ଆର୍ଥିକ ଏବଂ କର୍ମକ୍ଷେତ୍ରରେ ଅଧିକ ସଶକ୍ତ କରିବା ପାଇଁ ଏହି ସଂହିତାଗୁଡ଼ିକ ବେଶ୍ ଉପଯୋଗୀ ହୋଇପାରିବ।

## ନଡ୍ଡା-ରୁଷିଆନ୍ କାଉଣ୍ଟରପାର୍ଟ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ନୂଆଦିଲ୍ଲୀଠାରେ ତାଙ୍କ ରୁଷ୍ ପ୍ରତିପକ୍ଷ ମିଖାଇଲ ମୁରାସ୍କୋଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ର ଆଧାରିତ ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହେବା ସହ ଦ୍ୱିପାକ୍ଷିକ ସହଭାଗିତା ବୃଦ୍ଧି ନେଇ ମତ ବିନିମୟ ହୋଇଛି। ସହଜ, ନିରନ୍ତର ଏବଂ ଗୁଣବତ୍ତା ସମ୍ପନ୍ନ ସ୍ୱାସ୍ଥ୍ୟସେବା ନେଇ ଉଭୟ ଦେଶ ସେମାନଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି ବୋଲି ଶ୍ରୀ ନଡ୍ଡା କହିଛନ୍ତି।

## ଇସିଆଇ-ଏସ୍ଆଇଆର୍

ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଦ୍ୱିତୀୟ ପର୍ଯ୍ୟାୟ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଇତିମଧ୍ୟରେ ୫୦ କୋଟି ୯୭ ଲକ୍ଷରୁ ଊର୍ଦ୍ଧ୍ୱ ଗଣନା ଫର୍ମ ମତଦାତାଙ୍କୁ ବଣ୍ଟା ଯାଇସାରିଛି ବୋଲି ନିର୍ବାଚନ ଆୟୋଗ କହିଛନ୍ତି। ଏହି ପର୍ଯ୍ୟାୟରେ ସାମିଲ ହୋଇଥିବା ୫୧ କୋଟି ଭୋଟରଙ୍କ ମଧ୍ୟରୁ ୯୯ ଦଶମିକ ୮/୩ ପ୍ରତିଶତଙ୍କୁ ଗଣନା ଫର୍ମ ବଣ୍ଟା ଯାଇସାରିଛି। ସେଥିମଧ୍ୟରୁ ପାଖାପାଖି ୪୭ କୋଟି ଫର୍ମ ଡିଜିଟାଲାଇଜେସନ୍ କରାଯାଇସାରିଛି। ଗତ ମାସ ୪ ତାରିଖରୁ ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଫେବୃଆରୀ ୧୪ ତାରିଖରେ ଏହି ପର୍ଯ୍ୟାୟର ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବ ବୋଲି ନିର୍ବାଚନ ଆୟୋଗ କହିଛନ୍ତି।

## ଯୋଶୀ-ହୁଡ୍

ରୂପା ଅଳଙ୍କାର ହଲମାର୍କିଂ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି, ହଲମାର୍କ ଏକକ ଚିହ୍ନଟୀକରଣ– ଏଚ୍.ୟୁ.ଆଇ.ଡି’ ଅଳଙ୍କାରର ଶୁଦ୍ଧତାକୁ ସୁନିଶ୍ଚିତ କରିବା ସହ ନକଲି ହଲମାର୍କିଂକୁ ପ୍ରତିହତ କରିପାରିବ। ଉପଭୋକ୍ତା ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଅଧିକ ସ୍ୱଚ୍ଛତା ଏବଂ ବିଶ୍ୱାସ ଆଣିବାରେ ଏହା ଉପଯୋଗୀ ସାବ୍ୟସ୍ତ ହେବ। ଭାରତୀୟ ମାନକ ବ୍ୟୁରୋ ହଲ୍‌ମାର୍କିଂ ହୋଇଥିବା ରୂପା ଜିନିଷ ପାଇଁ ଏଚ୍.ୟୁ.ଆଇ.ଡି.କୁ

ବାଧ୍ୟତାମୂଳକ କରିବା ସହିତ ପ୍ରତ୍ୟେକ ରୂପା ଅଳଙ୍କାର ଉପରେ ଏକ ୬ ଅଙ୍କ ବିଶିଷ୍ଟ ଚିହ୍ନଟ କୋଡ଼କୁ ଲାଗୁ କରିଛି ବୋଲି ଶ୍ରୀ ଯୋଶୀ କହିଛନ୍ତି ।

## ଏସ୍‌ସିଆଇ ଆଣ୍ଡ ଟେକ୍

ଏକକ ବ୍ୟବହାରଯୁକ୍ତ ପି.ଇ.ଟି. (ପେଟ୍) ବୋତଲର ନାନୋ ପ୍ଲାଷ୍ଟିକ୍ସ ଶରୀର ପ୍ରତି କ୍ଷତିକାରକ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କହିଛି । ମୋହାଲିର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାନୋ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ଏକ ଦଳଙ୍କ ପରୀକ୍ଷାରୁ ଜଣାପଡ଼ିଛି, ଏହି ନାନୋ ପ୍ଲାଷ୍ଟିକ୍ ଅନ୍ତଃନାଳୀ, ରକ୍ତସ୍ଥିରତା ଏବଂ କୋଷଗୁଡ଼ିକ ଉପରେ କ୍ଷତି ପହଁଞ୍ଚାଇଥାଏ । ପରିବେଶଗତ ପ୍ଲାଷ୍ଟିକ୍ ପ୍ରଦୂଷଣ ଦ୍ୱାରା ମାନବ ସ୍ୱାସ୍ଥ୍ୟ ଉପରେ ରହିଥିବା ସମ୍ଭାବ୍ୟ ପରିଣାମ ଉପରେ ପରୀକ୍ଷଣରୁ ଏହା ଜଣାପଡ଼ିଛି ବୋଲି ମନ୍ତ୍ରଣାଳୟ କହିଛି । ନାନୋ ପ୍ଲାଷ୍ଟିକ୍‌କୁ ଦୀର୍ଘ ସମୟ ଧରି ବ୍ୟବହାର କରିବା ଯୋଗୁଁ ଡି.ଏନ୍.ଏ କ୍ଷତି, ପ୍ରଦାହ ଜନକ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ନାନୋ ପ୍ଲାଷ୍ଟିକ୍ ଏବେ ଖାଦ୍ୟ, ଜଳ ଏବଂ ମାନବ ଶରୀରରେ ବୃଦ୍ଧି ପାଉଛି ବୋଲି ଏହି ପରୀକ୍ଷଣ ଆଧାରରେ ମନ୍ତ୍ରଣାଳୟ କହିଛି ।